## ସଂକ୍ଷେପରେ

### ଜିଲା ଶିକ୍ଷାଧିକାରୀଙ୍କୁ ଆକ୍ରମଣ ଘଟଣା
### ଗଞ୍ଜାମ ଜିଲା ସରକାରୀ ଶିକ୍ଷକ ସଂଘ ପକ୍ଷରୁ ନିନ୍ଦା ପ୍ରସ୍ତାବ

**ବ୍ରହ୍ମପୁର ଅଫିସ,୨୭।୪:** ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରି ବୁଧବାର ସରକାରୀ ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଉପେନ୍ଦ୍ର କୁମାର ପାଢ଼ୀ ଅଧକ୍ଷତା କରିଥିଲେ।
ସୂଚନାଯୋଗ୍ୟ, ମଙ୍ଗଳବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କୁ ଆତର୍କିତ ଆକ୍ରମଣ ହୋଇଥିଲା। ଅନୁଷ୍ଠିତ ବୈଠକରେ ବୁଧବାର ସଂଘ ପକ୍ଷରୁ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ କାର୍ଯ୍ୟାଳୟ ପରିସରରେ ମହିଳା ଅଧିକାରୀଙ୍କ ପ୍ରତି ଆକ୍ରମଣ ଘଟଣାକୁ ପ୍ରତିବାଦ ଭାବେ ଗ୍ରହଣ କରାଯାଇଛି। ଯଥା ଶୀଘ୍ର ସରକାର ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ଏଥି ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏହି ଅବସରରେ ସଂଘ ଉପସଭାପତି ବିଜୟକୁମାର ରଣା, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ଦାସ, ସମ୍ପାଦକ ଅନୁଜ କୁମାର ନାୟକ, କୋଷାଧକ୍ଷ ରାଜା ଶ୍ୟାମ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

### ଆଜିଠାରୁ ୧୦ ଦିନିଆ ବକ୍ସିଂ ପ୍ରଶିକ୍ଷଣ ଶିବିର ଆରମ୍ଭ

**ବ୍ରହ୍ମପୁର ଅଫିସ,୨୭।୪:** ମେ' ୮ରୁ ରାଜ୍ୟସ୍ତରୀୟ ସବ୍‌ଜୁନିୟର ମହିଳା ଓ ପୁରୁଷ ବକ୍ସିଂ ପ୍ରତିଯୋଗୀତା କଟକ ବାରବାଟୀ ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ନିମନ୍ତେ ଗଞ୍ଜାମ ଜିଲା ମହିଳା ପୁରୁଷ ବକ୍ସିଂ ଦଳ ଚୟନ ପୂର୍ବରୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଏପ୍ରିଲ ୨୮ ରୁ ମେ'୭ ପର୍ଯ୍ୟନ୍ତ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିରରେ ନିମନ୍ତେ ପ୍ରତିଯୋଗୀଙ୍କ ନାମ ପଞ୍ଜୀକରଣ ଗୁରୁବାର ବ୍ରହ୍ମପୁର ଷ୍ଟାଡ଼ିୟମ ସ୍ଥିତ ଗଞ୍ଜାମ ଜିଲା କ୍ରୀଡ଼ା ସଂଘଠାରେ ଅପରାହ୍ନ ୪ ଟାରୁ ୬ ଟା ସୁଦ୍ଧା ହେବ। ଆଶାୟୀ ପ୍ରତିଯୋଗୀମାନେ ଏହି ସମୟରେ ବ୍ରହ୍ମପୁର ଷ୍ଟାଡ଼ିୟମଠାରେ ଉପସ୍ଥିତ ରହି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ସହ ସାକ୍ଷାତ କରି ନାମ ପଞ୍ଜୀକୃତ କରିପାରିବେ। ପ୍ରଶିକ୍ଷଣ ଶିବିରରେ ଗଞ୍ଜାମ ଜିଲାର ପ୍ରତ୍ୟେକ ବ୍ଲକସ୍ତରରୁ ଶିକ୍ଷାନୁଷ୍ଠାନ ଓ କ୍ଲବରୁ ପ୍ରତିଯୋଗୀମାନେ ବକ୍ସିଂ ପ୍ରତିଯୋଗୀତା ଅଂଶ ଗ୍ରହଣ କରିପାରିବେ। ଏହି ଦଶ ଦିନିଆ ପ୍ରଶିକ୍ଷଣ ଶିବିରରେ ତାଲିମ ପରେ ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟ ଦଳ ନିମନ୍ତେ ମନୋନୀତ କରାଯିବ ଏନେଇ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କଠାରୁ ପ୍ରକାଶ।

### ଚିକିତ୍ସା ଅଭାବରୁ ନାବାଳିକାଙ୍କ ମୃତ୍ୟୁ ଅଭିଯୋଗ

**କବିସୂର୍ଯ୍ୟନଗର,୨୭।୪(ଡି.ଏନ.ଏ.):** କବିସୂର୍ଯ୍ୟନଗର ଡାକ୍ତରଖାନାରେ ଚିକିତ୍ସା ଅଭାବରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ କବିସୂର୍ଯ୍ୟନଗରର ଜାନକୀ ନାହାକଙ୍କ ଝିଅ ପାର୍ବତୀ(୭)। ଝିଅର ଝାଡା ହେଉଥିବାରୁ ଜାନକୀ ବୁଧବାର ଡାକ୍ତରଖାନା ନେଇଥିଲେ। ସେଠାରେ ବିଳମ୍ବରେ ତାଙ୍କର ଚିକିତ୍ସା କରାଯିବା ସହ ମାତ୍ରାଧିକ ମେଡ଼ିସିନ ଦିଆଯାଇଥିଲା। ଏପରକି ଅପରାହ୍ନ ୫ଟା ଯାଏ ତାଙ୍କୁ ଉତ୍ତମ ଚିକିତ୍ସା ମିଳି ନଥିଲା। ତେଣୁ ଝିଅର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡାକ୍ତରଙ୍କ ସହ ଯୋଗାଯୋଗ କରିବାରୁ ସେ ବାହାରେ ଥିବା କହିଛନ୍ତି। ଦୁଇ ଡାକ୍ତର ଉକ୍ତ ମେଡିକାଲରେ ଚିକିତ୍ସା କରୁଥିଲେ, ସେମାନେ ବିଳମ୍ବରେ ରୋଗୀକୁ ଅନ୍ୟତ୍ର ନେବାକୁ କହିବାରୁ ମୃତ୍ୟୁ ଘଟିଥିବା କହିଛନ୍ତି।

# ୫ ମାସ ପରେ ବି ପାଞ୍ଚ ଅନ୍ତେବାସୀଙ୍କ ପତ୍ତା ମିଳୁନି

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁର ଜରଡ଼ା ବଙ୍ଗଳା ରାସ୍ତାରେ ଥିବା ପର୍ଯ୍ୟବେକ୍ଷଣ ଆବାସ ଓ ସ୍ୱତନ୍ତ୍ର ଆବାସ(ବାଳକ)ରୁ ୬ ଜଣ ଅନ୍ତେବାସୀ ଚମ୍ପଟ ଘଟଣାର ୫ ମାସ ବିତିଯାଇଛି। ଅଦ୍ୟାବଧି ୫ ଜଣଙ୍କ ପତ୍ତା ପାଇ ପାରିନାହିଁ ପୋଲିସ। ଚମ୍ପଟ ଅନ୍ତେବାସୀ ନିଜ ନିଜ ଘରକୁ ଫେରିଲେ ସେମାନଙ୍କୁ ଧରିବା ପାଇଁ ପୋଲିସ କେବଳ ଅପେକ୍ଷା କରି ବସିଛି। ଚମ୍ପଟ ୫ ଅନ୍ତେବାସୀ ଧରାପଡିନଥିବାରୁ ପୋଲିସ ଓ ପ୍ରଶାସନର ଏବେ ଚିନ୍ତା ବଢିଯାଇଛି। ସେପଟେ ଏହି ଘଟଣାର ପ୍ରଶାସନିକ ତଦନ୍ତ ସମାପ୍ତ ହୋଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରିଥିଲେ।



ପର୍ଯ୍ୟବେକ୍ଷଣ ଆବାସ ଓ ସ୍ୱତନ୍ତ୍ର ଆବାସ।

୪ ପୃଷ୍ଠାର ତଦନ୍ତ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଜିଲାପାଳ ସେହି ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। କିଭଳି ଓ କେଉଁ ପରିସ୍ଥିତିରେ ବାଳ ସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ମାରିଲେ ସେ ଦିଗରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅନୁଧ୍ୟାନ କରାଯାଇଛି। ସେପଟେ ଶହେରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଥିବା ସୁଧାର ଗୃହରେ ମାତ୍ର ମାତ୍ର ୪ଜଣ ସୁରକ୍ଷା କର୍ମୀ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁର୍ବଳ ସୁରକ୍ଷା ବ୍ୟବସ୍ଥାର ଫାଇଦା ଉଠାଇ ଅନ୍ତେବାସୀମାନେ ଚମ୍ପଟ ମାରିଛନ୍ତି। ଏଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି।

**ବାଳ ସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ଘଟଣା**

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୧ ବିଳମ୍ବିତ ରାତିରେ ବାଳ ସୁଧାର ଗୃହର ଏକ ନିର୍ଦ୍ଦିଷ୍ଟ ୱାର୍ଡ଼ରେ ଥିବା ୬ ଅନ୍ତେବାସୀ ଝରକା ଗ୍ରୀଲ୍ ତାଡ଼ି ଚମ୍ପଟ ମାରିଥିଲେ। ରାତି ପ୍ରାୟ ସାଢ଼େ ୨ଟା ବେଳେ ସୁଧାର ଗୃହର କର୍ମଚାରୀମାନେ ଯାଞ୍ଚ କରୁଥିବା ବେଳେ ଅନ୍ତେବାସୀ ୱାର୍ଡ଼ରେ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସୁଧାର ଗୃହର ଅଧୀକ୍ଷକ ପି. ରମେଶ ରାଓ ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଡିସିପିଓ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଧ୍ୟ ଏକ ୫ଜଣିଆ ଟିମ୍ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଗତ ଡିସେମ୍ବରରେ ପୋଲିସ ଗଜପତି ଜିଲା ଆର.ଉଦୟଗିରି ଅଞ୍ଚଳରୁ ଜଣେ ଅନ୍ତେବାସୀଙ୍କୁ ଉଦ୍ଧାର କରି ବାଳସୁଧାର ଗୃହ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ବାଳସୁଧାର ଗୃହରୁ ଚମ୍ପଟ ଅନ୍ତେବାସୀଙ୍କ ପରିବାରବର୍ଗଙ୍କ ସହ ଯୋଗାଯୋଗରେ ରହିଛି ପୋଲିସ। ହେଲେ ଏଯାବତ ୫ ଅନ୍ତେବାସୀଙ୍କ ପତ୍ତା ପାଇପାରିନଥିବା ଜଣାପଡିଛି।

### ପ୍ରଚଣ୍ଡ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

**ଆସିକା,୨୭।୪(ଡି.ଏନ୍.ଏ.)**

ଆସିକା ଅଞ୍ଚଳରେ ଗତ ସପ୍ତାହେ ହେଲା ପ୍ରଚଣ୍ଡ ରୌଦ୍ର ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏଁ ତାତି ରହୁଛି । ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଓ ବଜାର ଶୁନଶାନ ହୋଇଯାଉଛି। ବସଗୁଡିକ ଯାତ୍ରୀ ଶୂନ୍ୟ ରହୁଥିବା ଲକ୍ଷ୍ୟ କରାଯାଇଛି । ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ କାଟ ପରିସ୍ଥିତିକୁ ଅଧିକ ଅସମ୍ଭାଳ କରୁଛି । ସହରାଞ୍ଚଳର ପାନୀୟ ଜଳଯୋଗାଣ ସ୍ୱାଭାବିକ ହୋଇପାରୁ ନଥିବା ଯୋଗୁଁ ବିଭିନ୍ନ ସାହି ବସ୍ତିରେ ଜନସାଧାରଣ ଜଳ ସଙ୍କଟକୁ ମଧ୍ୟ ସାମନା କରୁଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ସରକାରୀ ସହାୟତା, ସୁବିଧା ପ୍ରଦାନ ଦାବି

**ବ୍ରହ୍ମପୁର ଅଫିସ,୨୭।୪**

ଟ୍ରେଡ ୟୁନିଅନ ସେଣ୍ଟର ଅଫ ଇଣ୍ଡିଆ ସହ ଅନୁବନ୍ଧିତ ଓଡିଶା ନିର୍ମାଣ ଶ୍ରମିକ ୟୁନିୟନ ଗଞ୍ଜାମ ଜିଲା କମିଟି ପକ୍ଷରୁ ବୁଧବାର ଗଞ୍ଜାମ କଳା ପରିଷଦଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ୫ଟି ଅଧୀନରେ ଥିବା ଶ୍ରମ ବିଭାଗର ବ୍ୟାପକ ଅବ୍ୟବସ୍ଥା ଓ ହରିଲୁଟ ପାଇଁ ୩୦ ଲକ୍ଷ ନିର୍ମାଣ ଶ୍ରମିକଙ୍କ ଭବିଷ୍ୟତ ଅନ୍ଧକାର ହୋଇଥିବା ସଂଘ ଅଭିଯୋଗ କରିଛି। ଏଥିସହ ଶ୍ରମ ବିଭାଗ ୫ ଟି ଅଧିନରେ ଥିବାବେଳେ କାର୍ଯ୍ୟାଳୟରେ ସମସ୍ତ ଆବେଦନର ପ୍ରାପ୍ତି ସ୍ୱୀକାର (ଏକ୍‌ନଲେଜମେଣ୍ଟ) ରସିଦ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ଉକ୍ତ ଦାବି ସମୂହକୁ ନେଇ ମେ ୨ରେ ଗଞ୍ଜାମ ଜିଲା ସମସ୍ତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘ ଜିଲା ସଭାପତି ଶଙ୍କର ସାହୁ, ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା, ସହ ସଂପାଦିକ ପି.ପାର୍ବତୀ ଓ ସଦସ୍ୟ ମଙ୍ଗୁଲୁ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

### ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର ଏକ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବା ଅଭିଯୁକ୍ତ ସାଗର ମହାରଣାଙ୍କୁ ସେ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।
ପ୍ରକାଶ ଯେ, ୨୦୨୧ ଫେବୃୟାରୀ ୬ ରେ ସାଗର ଗେଟବଜାର ନିକଟରେ ଥିବା ଏକ କବାଡ଼ି ଦୋକାନ ଭିତରେ ପଶି ଦୋକାନ କେସ୍ କାଉଣ୍ଟରରୁ ଟଙ୍କା ଚୋରି କରୁଥିଲେ। ଦୋକାନ ମାଲିକ ପରଭେଜ୍ କୁମାର ଗୁଟା ଏହା ଦେଖି ସାଗରଙ୍କୁ ଅଟକାଇଥିଲେ। ସାଗର ହାତରେ ଧରିଥିବା ଏକ ବ୍ଲେଡରେ ପରଭେଜ୍‌ଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତିକରିଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ସାଗରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ଜେଲରେ ଥିବା ସାଗରଙ୍କୁ ଏସିଜେଏମ କୋର୍ଟରେ ହାଜର କରାଯାଇଥିଲା। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ ଏସିଜେଏମ ଉପରୋକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଭି. ପ୍ରସନ୍ନ କୁମାର ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

### ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ସଫେଇ


କ୍ଲବର ସଦସ୍ୟଙ୍କ ପକ୍ଷରୁ ସଫେଇ।

**ବ୍ରହ୍ମପୁର ଅଫିସ,୨୭।୪**

ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକ୍ କ୍ଲବ ପକ୍ଷରୁ ବୁଧବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ସଫେଇ କାର୍ଯ୍ୟ କରାଯାଇଛି। ଏଠାରେ ସହରବାସୀ ପ୍ରତ୍ୟହ ପ୍ରାତଃ ଭ୍ରମଣ ଓ ଖେଳ କୁଦ ନିମନ୍ତେ ଆସୁଥିବା ବେଳେ ଖେଳ ପଡିଆଟି ଅପରିଷ୍କାର ଓ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥିଲା। କିନ୍ତୁ ଖେଳ ପଡିଆ ସଫେଇ ଦିଗରେ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉ ନାହାନ୍ତି। ଫଳରେ କ୍ଲବ ପକ୍ଷରୁ ପଡିଆରେ ପଡିଥିବା ଆବର୍ଜନା ଓ ଦର୍ଶକ ବସିବା ପାଇଁ ରହିଥିବା ଗ୍ୟାଲେରୀରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା।

# ମା' କନକଦୁର୍ଗା ବୁଢ଼ୀ ଠାକୁରାଣୀ ଯାତ୍ରା ଆରମ୍ଭ

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁର ଶିଳ୍ପାଞ୍ଚଳ ପାର୍ଶ୍ୱ ଆଙ୍କୁଲିର ପ୍ରସିଦ୍ଧ ମା' କନକ ଦୁର୍ଗା ଠାକୁରାଣୀ ଯାତ୍ରା ବୁଧବାର ରାତ୍ରରୁ ଆରମ୍ଭ ହୋଇଛି। ତେଣୁ ମହାନଗରର ୪୦ନଂ. ୱାର୍ଡ ଆଙ୍କୁଲି ଉତ୍ସବମୁଖର ହୋଇଯାଇଛି। ଏହି ଦ୍ୱି-ବାର୍ଷିକ ଯାତ୍ରା ୧୫ ଦିନ ଚାଲିବ ଏବଂ ଆସନ୍ତା ମେ ୧୧ ତାରିଖ ରାତିରେ ଉଦ୍‌ଯାପିତ ହେବା ସହ ଠାକୁରାଣୀ ନିଜସ୍ୱ ମନ୍ଦିରକୁ ବାହୁଡ଼ିବାର କାର୍ଯ୍ୟକ୍ରମ


ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀ ।

ଚୂଡ଼ାନ୍ତ ହୋଇଛି। ଯାତ୍ରା ପରିଚାଳନା କମିଟି ସଭାପତି ତଥା ୱାର୍ଡର ବିଜେଡି କର୍ପୋରେଟର ଭାଗୀରଥି ମହାରଣା ଏହି ସୂଚନା ଦେଇଛନ୍ତି।
ବୁଧବାର ବିଳମ୍ବିତ ସନ୍ଧ୍ୟାରେ ମନ୍ଦିରରେ ପରମ୍ପରା ପ୍ରକାରେ ପୂଜାର୍ଚ୍ଚନା ଓ ହୋମ ଆଦି ଅନୁଷ୍ଠିତ ହୋଇଥିଲା। ଗାଁ ଦାଣ୍ଡକୁ ଆସିବା ନିମନ୍ତେ ଆବାହନ କରାଯାଇ ମସ୍ତକରେ ଫୁଲମାଳ ସ୍ଥାପନ କରାଯାଇଥିଲା। କିଛି ସମୟ ପରେ ମାଳ ଆପେ ଖସିବାରୁ ଯାତ୍ରା ଦାଣ୍ଡକୁ କନକ ଦୁର୍ଗା ଆସିବାର ସଂକେତ ମିଳିଥିଲା। ଶତାଧିକ ମହିଳା ଓ ପୁରୁଷ ମା'ଙ୍କ ଫୁଲ ଚାଙ୍ଗୁଡ଼ି ସହ ବିରାଟ ପଟୁଆରରେ ବାହାରିଥିଲେ। ଘଣ୍ଟ, ତାଳ ବାଦ୍ୟ ବାଜଣା ଓ ଶଙ୍ଖ ନାଦରେ ସମଗ୍ର ଅଞ୍ଚଳ କମ୍ପିଥିଲା। ପରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା।

**ଆଙ୍କୁଲି ଉତ୍ସବ ମୁଖର**

କନକ ଦୁର୍ଗାଙ୍କୁ ଅଣାଯାଉଥିବା ବେଳେ ବିଭିନ୍ନ ସାହିରେ ସମସ୍ତଙ୍କ ଦାଣ୍ଡ ଦୁଆରେ ପୂର୍ଣ୍ଣ କୁମ୍ଭ ସହ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରାବେଳର ଦେଶୀ ବେହେରା କୁହାଯାଉଥିବା ବିଷ୍ଣୁ ବେହେରା ଘଟ ମୁଣ୍ଡାଇଥିଲେ। ମନ୍ଦିର ଭିତରେ ସବୁ କାର୍ଯ୍ୟ ପୂଜକ ଭାଗ୍ୟ ଗନ୍ତାୟତ ସମ୍ପାଦନା କରିଥିଲେ।
ଯାତ୍ରା କମିଟି ସଭାପତି ମହାରଣାଙ୍କ ସମେତ ଏଲ. ସୁଦାମ ଦାସ, ବ୍ରଜ ମୋହନ ପ୍ରଧାନ, ଭବାନୀ ନାୟକ, ପୀତବାସ ପ୍ରଧାନ, ଧୀରେନ ଚୌଧୁରୀ, ପ୍ରକାଶ ଘଟୁଆଳ, ମୁନା ସେଠୀ, ଶାନ୍ତି ଦାସ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଙ୍କୁଲିରେ ରଙ୍ଗବେରଙ୍ଗର ଆଲୋକମାଳା ଝଲସୁଛି। ୧୫ ଦିନ ଅବଧି ମଧ୍ୟରେ ବିଭିନ୍ନ ମେଢ଼, କଳାକୁଞ୍ଜ ଓ ଦେବାଦେବୀଙ୍କ ଆକର୍ଷଣୀୟ ରଥ ବାହାରିବାର କାର୍ଯ୍ୟକ୍ରମ ରହିଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା, ଜଳଯୋଗାଣ ଓ ଶାନ୍ତି ଶୃଙ୍ଖଳା ପାଇଁ ପଦକ୍ଷେପ ନିଆଯାଇଛି।

### ଗାଙ୍ଗପୁର ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଆସିକା,୨୭।୪(ଡି.ଏନ୍.ଏ.)**

ଗାଙ୍ଗପୁର ଥାନାରେ ଶୁଭେନ୍ଦୁ କୁମାର ସାହୁ ନୂତନ ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ସହ ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ଦିଗରେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ଗତ ମାର୍ଚ୍ଚ ୨୫ ତାରିଖରେ ଏହି ଥାନାର ଥାନା ଅଧିକାରୀ ଦେବ କୁମାର ଗମାଙ୍ଗଙ୍କ ଗୁଳି ଫୁଟି ମୃତ୍ୟୁ ଘଟିବା ପରେ ବେଲଗୁଣ୍ଠା ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏହି ଥାନା ଦାୟିତ୍ୱରେ ରହିଥିଲେ ।

### ଭଞ୍ଜନଗରରେ ଭିଜିଲାନ୍ସ ସର୍କିଟ କୋର୍ଟ



ମଞ୍ଚାସୀନ ଅତିଥିବୃନ୍ଦ।

**ଭଞ୍ଜନଗର,୨୭।୪(ଡି.ଏନ୍.ଏ.)**

ହାଇକୋର୍ଟ ନିର୍ଦ୍ଦେଶକ୍ରମେ ଭଞ୍ଜନଗରରେ ମଙ୍ଗଳବାର ଭିଜିଲାନ୍ସ ସର୍କିଟ କୋର୍ଟ ଖୋଲିଛି । ଗଞ୍ଜାମ ଜିଲା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଲୁନା ମହାନ୍ତି ବୁଧବାର ସର୍କିଟ କୋର୍ଟରେ ଯୋଗଦେଇ ଭଞ୍ଜନଗର ଅଞ୍ଚଳର ୬ଟି ମାମଲାର ବିଚାର କରିଥିଲେ। ଏହାପୂର୍ବରୁ ବାର ଆସୋସିଏଶନ ପକ୍ଷରୁ ବିଚାରପତିଙ୍କୁ ସ୍ୱାଗତ କରାଯାଇଥିଲା । ଏଡିଜେ ଡ. ଅରୁଣ କୁମାର ସାହୁ, ସବଜଜ ସୋମାଲୀନା ମିଶ୍ର, ଏସଡିଜେଏମ ମନସ୍ୱିନୀ ରଥ, ଜେଏମଏଫସି ପ୍ରଜ୍ଞା ରାଉତ, ସମ୍ପାଦକ ଅମରେଶ ମହାପାତ୍ର, ଉପ ସଭାପତି ଧୀରେନ ସ୍ୱାଇଁ, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବାର ଆସୋସିଏସନ ସଭାପତି ସନ୍ତୋଷ କୁମାର ନାୟକ ସଭାକୁ ସଂଯୋଜନା କରିଥିଲେ।

# ସ୍ମାର୍ଟ ସ୍କୁଲରେ ଶିକ୍ଷକ ଅଭାବ

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁର ମହାନଗର ନିଗମର ବହୁ ପୁରାତନ ସରକାରୀ ସିଟି ହାଇସ୍କୁଲରେ ଚଳିତ ଶିକ୍ଷାବର୍ଷ ନିମନ୍ତେ ଏପ୍ରିଲ ୨୦ରୁ ବିଭିନ୍ନ ଶ୍ରେଣୀରେ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳର ଅଭିଭାବକ ପିଲାଙ୍କ ନାମ ଲେଖାଇବା ପାଇଁ ଗଲେ ଫର୍ମ ଦିଆଯାଉ ନ ଥିବା, ଏପରକି ଏଠାରେ ନ ପଢ଼ାଇବା ପାଇଁ କୁହାଯାଉଥିବା ଅଭିଯୋଗ ହେଉଛି। ଜଣେ ଅଭିଭାବକ ୭ମ ଶ୍ରେଣୀରେ ତାଙ୍କ ଭଣଜାଙ୍କ ନାମ ଲେଖାଇବାକୁ ଯାଇଥିବା ବେଳେ ନିରାଶ ହୋଇ ଫେରିଛନ୍ତି। ଶିକ୍ଷକ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।

**ନାମଲେଖା ପାଇଁ ବାରଣ କରାଯାଉଥିବା ଅଭିଯୋଗ**

୧୯୩୦ରେ ପ୍ରତିଷ୍ଠା ହୋଇଥିବା ସିଟି ହାଇସ୍କୁଲ ରାଜ୍ୟ ସରକାରଙ୍କ ୫-ଟି ପଦ୍ଧତିରେ ରୂପାନ୍ତରିତ ହୋଇଛି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଛନ୍ତି। ଟିଜିଟି କଳା, ବିଜ୍ଞାନ ଓ ଗଣିତ ଓ ପିଇଟି ନିମନ୍ତେ ବିଭିନ୍ନ ବିଭାଗର ମୋଟ



ବ୍ରହ୍ମପୁର ସିଟି ହାଇସ୍କୁଲ

୩୪ ଶିକ୍ଷକ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୨୧ ଜଣ। ଯଦି କେବେ କୌଣସି ଶିକ୍ଷକ ଛୁଟିରେ ରୁହନ୍ତି ତେବେ ସେହି ପରିୟଡ଼ର ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ରହୁଛି। ଏ ନେଇ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇପାରି ନ ଥିବା ପ୍ରଧାନଶିକ୍ଷକ କହିଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ଅଭାବ ସମ୍ପର୍କରେ ଅବଗତ ଥିବା ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି କହିଛନ୍ତି। ଜିଲାରେ ନୂତନ ଭାବେ ଇନିସିଆଲି ଟିଚର ନିଯୁକ୍ତ ହେବେ। ଏକ ମାସ ମଧ୍ୟରେ ସିଟି ହାଇସ୍କୁଲର ଶିକ୍ଷକ ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।

# ବିଏମ୍‌ସି କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ କାର୍ଯ୍ୟାରମ୍ଭ

**ବ୍ରହ୍ମପୁର ଅଫିସ,୨୭।୪**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନିର୍ମିତ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପ୍ରକଳ୍ପ ପ୍ରାୟ ୩ ବର୍ଷ ପରେ କାର୍ଯ୍ୟାରମ୍ଭ ହୋଇଛି। ଏ ନେଇ ବୁଧବାର ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ନିର୍ବାହୀ ଯନ୍ତ୍ରୀ ବସନ୍ତ ପାଢୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ କିଭଳି ସୁରୁଖୁରୁରେ ଚାଲିବ ସେ ନେଇ ପରିଦର୍ଶନ ବେଳେ ଆଲୋଚନା କରିଥିଲେ। ବିଶେଷକରି ଆବର୍ଜନା ପୃଥକୀକରଣ ସମୟରେ ପଲିଥିନ ଓ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଜରିଆରେ ସେଥିରୁ ପ୍ରସ୍ତୁତ ମେଟାଲ, ସାର ଓ ଖତକୁ କିଭଳି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ସେ ନେଇ ସମୀକ୍ଷା କରାଯାଇଥିଲା।
ସୂଚନାଯୋଗ୍ୟ, ୨୦୦୮ ରେ ମହୁଡାଠାରେ ବିଏମ୍‌ସି ପକ୍ଷରୁ ୩୧.୬୨ ଏକର ଜାଗାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ କରିବାକୁ ସ୍ଥାନ ଚିହ୍ନଟ ହୋଇଥିଲା। ଏ ନେଇ କାଉନ୍‌ସିଲ ବୈଠକରେ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। କିନ୍ତୁ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ହୋଇପାରି ନ ଥିଲା। ଏହାପରେ ୨୦୧୩ ରେ ଟେଣ୍ଡର ଡକାଯାଇଥିଲା। କିନ୍ତୁ ୨୦୧୪ରେ ସ୍ୱଚ୍ଛ ଭାରତ ମିଶନକୁ ଗୁରୁତ୍ୱ ଦିଆଯାଇ ୧୫ ଲକ୍ଷ ଟଙ୍କା ବ୍ୟୟରେ


ପ୍ଲାଣ୍ଟରେ ବିଏମସି ଅଧିକାରୀଙ୍କ ପରିଦର୍ଶନ।

ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଫଳରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରସର ହୋଇଥିଲା। ଏଥିସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଜନ ଶୁଣାଣୀରେ ଅଞ୍ଚଳବାସୀଙ୍କ ପ୍ରକଳ୍ପ କାର୍ଯ୍ୟ ନେଇ ସମର୍ଥନ ମଧ୍ୟ ମିଳିଥିଲା। ଏହାପରେ ବିଏମ୍‌ସି ପକ୍ଷରୁ ବରୋଦାର ଏକ କମ୍ପାନୀକୁ ଟେଣ୍ଡର ପ୍ରଦାନ

**ବିଏମ୍‌ସି ଅଧିକାରୀଙ୍କ ପରିଦର୍ଶନ**

କରାଯାଇଥିଲା। ଏହି କାର୍ଯ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା। କିନ୍ତୁ ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବରୁ ବିଏମସି ପକ୍ଷରୁ ପୁଣି ଥରେ ଟେଣ୍ଡର ଆହ୍ୱାନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଥିଲା। ଫଳରେ ପୁଣେର ଏକ କମ୍ପାନୀକୁ ୨୦୧୭ରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଟେଣ୍ଡର ଦିଆଯାଇଥିଲା। ଏଥିସହ ୨୦୧୮ରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସମ୍ପୃକ୍ତ କମ୍ପାନୀର କେତେକ ସମସ୍ୟାରୁ ପ୍ରକଳ୍ପ କାର୍ଯ୍ୟ ସମୟ ସୀମା ବୃଦ୍ଧି ପାଇ ୨୦୧୯ ଜାନୁୟାରୀରେ ଶେଷ ହେବାର ଥିଲା। କିନ୍ତୁ ପ୍ରାୟ ୩ ବର୍ଷ ପରେ ବର୍ତ୍ତମାନ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟାରମ୍ଭ ହୋଇଛି।

# ଅଂଶୁଘାତ ମୃତ୍ୟୁ ହେଲେ ତଦନ୍ତ ରିପୋର୍ଟ ଦିଅ

## ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ହିଟ୍‌ୱେଭ୍ ସେଲ

ଛତ୍ରପୁର,୨୭।୪(ଡି.ଏନ୍.ଏ.)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ମୁକାବିଲା ପ୍ରାକ ପ୍ରସ୍ତୁତି ଓ ସୁପରିଚାଳନା ପାଇଁ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରାକ୍ ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବୀରେନ୍ଦ୍ର କୁମାର ନାୟକ ଗ୍ରୀଷ୍ମ ପ୍ରବାହ ଯୋଗୁ ପୀଡିତ ବ୍ୟକ୍ତି ବିଶେଷଙ୍କ ଲକ୍ଷଣ, ଚିକିତ୍ସା ଓ ପ୍ରତିକାର ବିଷୟରେ ବୁଝାଇଥିଲେ। ସେହିପରି ଡାକ୍ତର ଦୟାନିଧି ପ୍ରଧାନ ଓ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସୀଲା ସୀତାରାମ ପ୍ରଚଣ୍ଡ ଗ୍ରୀଷ୍ମ ମୁକାବିଲା ନିମନ୍ତେ ଆଶୁ ପଦକ୍ଷେପ ଓ ଅନ୍ୟାନ୍ୟ ବିଭାଗର କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ। ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତରୁ ରକ୍ଷା ପାଇଁ ଅତି ଆବଶ୍ୟକ ବେଳେ ଘରୁ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ଖାଦ୍ୟ ଖାଇ ବହୁତ ପାଣି ପିଇବା, ଓଦା ଗାମୁଛା ଓ ପାଣି ବୋତଲ ସାଥୀରେ ନେବା ଆବଶ୍ୟକ ବୋଲି କହିଥିଲେ। ଖରାଦିନେ ପଖାଳ, ତରଭୁଜ ଓ କାକୁଡି, ତୋରାଣି, କାଞ୍ଜିପାଣି, ବେଲପଣା, ଘୋଳଦହି ଏବଂ ଓଆର୍ଏସ ଘୋଳ ପ୍ରଚୁର ପରିମାଣରେ ପିଇବା ସହ ଛତା, ଜୋତା, ଟୋପି, ପଗଡି, ସୂତାଲୁଗା, କଳାଚଷମା, ହାଲକା ରଙ୍ଗର ପୋଷାକ ବ୍ୟବହାର କରିବା ଉଚିତ। ଚା',କଫି, ମାଦକ ଦ୍ରବ୍ୟ ସେବନ କରିବା ଉଚିତ୍ ନୁହେଁ ବୋଲି କୁହାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ହିଟ ୱେଭ ସେଲ ଖୋଲାଯାଇଛି। ସେଠାରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ଅଂଶୁଘାତରେ କାହାରି ମୃତ୍ୟୁ ଘଟିଲେ ସେଠାକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଯାଇ ଅନୁସନ୍ଧାନ କରିବେ। ସ୍ଥାନୀୟ ଥାନାରେ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ସରକାରୀ ସହାୟତା ତାଙ୍କ ଉତ୍ତରାଧିକାରୀଙ୍କୁ ଯୋଗାଇ ଦିଆଯିବ। ଗ୍ରୀଷ୍ମ ପ୍ରବାହ ଯୋଗୁ ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା, ଦୁର୍ବଳତା ଅନୁଭବ କଲେ ପ୍ରାଥମିକ ଚିକିତ୍ସା ସ୍ୱରୂପ ବ୍ୟକ୍ତିଙ୍କୁ ଛାଇ ସ୍ଥାନରେ ରଖି ଥଣ୍ଡା ଜଳରେ ଦେହକୁ ପୋଛିବା, ପଙ୍ଖା କିମ୍ବା କୁଲର ସାମ୍ନାରେ ବସାଇବା ପରେ ତାକୁ ଅଧିକ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ପହଞ୍ଚାଇବା ଉଚିତ ବୋଲି କୁହାଯାଇଛି। ତାଲିମ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ସାହୁ, ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ, ସଂସ୍ଥାପନା ଅଧିକାରୀ ନୃସିଂହ ମହାରଣା, ଓସଡମାର ଜିଲା ପ୍ରକଳ୍ପ ସଂଯୋଜକ ପ୍ରଭୁପ୍ରସାଦ ମହାରଣା ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## କନ୍ଧମାଳରେ ୧୧,୬୯୪ ମାଟ୍ରିକ ପରୀକ୍ଷାର୍ଥୀ

ଫୁଲବାଣୀ ଅଫିସ, ୨୭।୪

ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ କନ୍ଧମାଳ ଜିଲାରେ ୭୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏସବୁ କେନ୍ଦ୍ରରେ ମୋଟ ୧୧,୬୯୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ସେମାନଙ୍କ ମଧ୍ୟରେ ୧୧ହଜାର ୬୬ଜଣ ରେଗୁଲାର, ୯୩ ଜଣ ଏକ୍ସ ରେଗୁଲାର ଏବଂ ଅନ୍ୟାନ୍ୟ ୫୩୫ ଜଣ ପରିକ୍ଷାର୍ଥୀ ଅଛନ୍ତି। ପରୀକ୍ଷାକୁ ଅବାଧ କରିବା ଏବଂ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ବୋର୍ଡ଼ର ସ୍କ୍ୱାର୍ଡ .ପାର୍ଟି ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବେ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ସଂକ୍ଷେପରେ

### ପୁରୁଷୋତ୍ତମପୁରରେ ଭତ୍ତା ବଣ୍ଟନ ମେଳା

ପୁରୁଷୋତ୍ତମପୁର,୨୭।୪(ଡି.ଏନ.ଏ.) ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭତ୍ତା ବଣ୍ଟନ ମେଳା ବିଡିଓ ବିଜୟ୍ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ଯୋଗଦେଇ ସରକାରଙ୍କ ଏହି ଯୋଜନାମାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ଲକ ଅଧକ୍ଷା ପିଙ୍କି ବେହେରା, ଉପାଧକ୍ଷା ମମତା ବାରିକ ଯୋଗଦେଇ ବିଭିନ୍ନ ପଞ୍ଚାୟତର ୪୪୭ଜଣ ହିତାଧିକାରୀଙ୍କୁ ଭତ୍ତା ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିରେ ସରପଞ୍ଚ ସୁଧାକର ଗୌଡ, ରାଜଲକ୍ଷ୍ମୀ ବେହେରା, ସମିତିସଭ୍ୟ ସୀମାଞ୍ଚଳ ଗୌଡ, ଆଭା ପରିଡାଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଠଶାଳା କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୭।୪(ଡି.ଏନ.ଏ.)- ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଏକ ସଚେତନତା ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗୋଷ୍ଠୀ ସଂଯୋଜକ ଚନ୍ଦ୍ରଶେଖର ପାଢ଼ୀ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଜି. ଉଦୟଗିରି ବ୍ଲକର ସମସ୍ତ ପଞ୍ଚାୟତରୁ ବହୁ ଚାଷୀ ଯୋଗଦେଇ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭିଡିଓ ଦ୍ୱାରା ସିଧା ପ୍ରସାରଣ ଦେଖିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ବୀମା କରିବା ଦ୍ୱାରା ବିଶେଷ ସୁବିଧା ପାଉଥିବା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜନସେବା କେନ୍ଦ୍ର ପରିଚାଳକ ନୀତେଶ କୁମାର ଦିଗାଳ ସହଯୋଗ କରିଥିଲେ।

### ଜନଜାତି ସୁରକ୍ଷା ମଞ୍ଚର ସମାବେଶ

ଫୁଲବାଣୀ ଅଫିସ, ୨୭।୪-କନ୍ଧମାଳ ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ଏକ ବିଶାଳ ସମାବେଶ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀମାନେ ଏଥିରେ ଯୋଗଦେଇ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା । ଜନଜାତି ସୁରକ୍ଷା ମଞ୍ଚ ସଭାପତି ଦିଲୀପ କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୁଇ ସମାଜ ଉପସଭାପତି ରମାକାନ୍ତ ମଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶବର ସମାଜ ସଂପାଦକ ନିରାକାର ନାୟକ, ଗଣ୍ଡ ସମାଜ ସଭାପତି ବିଷ୍ଣୁଚରଣ ପ୍ରଧାନ, ଓଡିଶା ପ୍ରାନ୍ତ ସଂରକ୍ଷକ ପବିତ୍ର କହଁର, ସଂଯୋଜକ ଜନ୍ମେଶ୍ୱର କହଁର, କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ପ୍ରଧାନ, ନିଖିଲ ଉତ୍କଳ ୟୁନିଅନର ପୂର୍ବତନ ସଭାପତି ଭୀମସେନ ପ୍ରଧାନ, କୁଇ ସମାଜ ମୁଖ୍ୟ ସଭ୍ୟ ଗୌତମ ମଲିକ, ନାରୀ ନେତ୍ରୀ ସବିତା ପ୍ରଧାନଙ୍କ ସମେତ ଅନେକ ଆଦିବାସୀ ନେତା ଏହି ସମାବେଶରେ ଯୋଗଦେଇ ଆଦିବାସୀ ମାନଙ୍କ ପାଇଁ ରହିଥିବା ସଂରକ୍ଷଣ ସୁବିଧାର ଅନ୍ୟମାନେ ଫାଇଦା ଉଠାଉଥିବା ନେଇ ପ୍ରତିବାଦ କରିଥିଲେ । ଅଣ ଆଦିବାସୀ ତଥା ଅନ୍ୟ ଧର୍ମକୁ ଚାଲି ଯାଉଥିବା ଆଦିବାସୀ ମାନଙ୍କୁ ସଂରକ୍ଷଣ ବ୍ୟବସ୍ଥାରୁ ବାଦ ଦେବା ପାଇଁ ଦାବି କରିଥିଲେ । ଶେଷରେ ମଂଚ ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ପତ୍ର କନ୍ଧମାଳ ଜିଲପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରା ଯାଇଥିଲା ।

### ମାହାଙ୍ଗା ଆର୍ଆଇ ଗିରଫ

ଭଞ୍ଜନଗର,୨୭।୪ (ଡି.ଏନ.ଏ)- କଟକ ଜିଲା ମାହାଙ୍ଗା ତହସିଲର ଆର୍ଆଇ ଦିଲୀପ କୁମାର ମହାନ୍ତିଙ୍କୁ ଭଞ୍ଜନଗର ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଅଭିଯୁକ୍ତ ଦିଲୀପ ଭଞ୍ଜନଗରରେ ଅମିନ ଭାବେ କାର୍ଯ୍ୟରତ ସମୟରେ ଏକ ଜମିର କାଗଜପତ୍ର ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ନଂ. ୩୭୩/୨୧ ଅନୁଯାୟୀ ସମ୍ପୃକ୍ତ ଆର୍ଆଇଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି।

### ଖରାରେ ଅଚେତ ହୋଇଗଲେ ଛାତ୍ରୀ

ହିଞ୍ଜିଳିକାଟୁ ୨୭।୪(ଡି.ଏନ.ଏ)- ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ପରିସରରେ ବୁଧବାର ଜଣେ କଲେଜ ପ୍ରବଳ ଖରାରେ ଛାତ୍ରୀ ବସକୁ ଅପେକ୍ଷା କରିଥିବା ବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ । ହିଞ୍ଜିଳିକାଟୁ ଅଗ୍ନିଶମ ବିଭାଗର ମୁଖ୍ୟ ଗୌତମ ସାହୁ ଓ କର୍ମଚାରୀ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଇଥିଲେ।

# ୪ ବର୍ଷ ପରେ ପୁଣି ଚମକିଲେ ଗଞ୍ଜାମର ମନସ୍ୱିନୀ

## ଭଇଣ୍ଡ ସର୍ଫିଙ୍ଗ ଏସିଆନ ଗେମ୍ସ ପାଇଁ ସିଲେକ୍ସନ

ଗଞ୍ଜାମ,୨୭।୪(ଡି.ଏନ.ଏ.)



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗଞ୍ଜାମ ଜିଲା ମଲାଡ଼ ପଞ୍ଚାୟତ ପଣିବନ୍ଧ ଗ୍ରାମର ସୁନାଝିଅ ମନସ୍ୱିନୀ ମହାରଣା ପୁଣି ଚମକିଛନ୍ତି। ସେ ଚଳିତ ମାସ ୨୦ରୁ ୨୪ ଯାଏ ଗୋଆର ହାୱାଲି ବିଚରେ ଅଲ ଇଣ୍ଡିଆ ବୋର୍ଡ ସେଲିଂ ଚାମ୍ପିୟନସିପ ପ୍ରତିଯୋଗିତା ଭାଗ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ଯୋଗୁ ତାଙ୍କୁ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ ଶୁଭେଚ୍ଛା ଜଣାଇଛନ୍ତି। ଗଞ୍ଜାମ ପ୍ରେସ କ୍ଲବ, ଦିଗଦର୍ଶନ ୟୁଥ କ୍ଲବ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପଣିବନ୍ଧ ଗ୍ରାମର ବାସିନ୍ଦା ଭାସ୍କର ମହାରଣା ଓ ପ୍ରମିଳାଙ୍କ ଝିଅ ମନସ୍ୱିନୀ ହାଇସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ଖେଳକୁଦ ପ୍ରତି ଦୁର୍ବଳତା ରହିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ ସାହୁଙ୍କ ଠାରୁ ପ୍ରଥମେ ପ୍ରେରଣା ପାଇ ଆନ୍ତର୍ଜାତୀୟ ସମୁଦ୍ର ବୁଡାଳି ସବୀର ବକ୍ସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲେ। ୨୦୧୩ରେ ଦୁଃସାହସିକ ନୌକା ଚାଳନା ପ୍ରତିଯୋଗିତା ଉଇଣ୍ଡ ସର୍ଫିଙ୍ଗରେ ଭାଗନେଇ ଲଗାତାର ୧୩ ସ୍ୱର୍ଣ୍ଣ ପଦକ ଜାତୀୟ ସ୍ତରରେ ହାସଲ କରି ଜଳ କ୍ରୀଡ଼ା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପରେ ୨୦୧୫ରେ ବ୍ୟାଂକକରେ ଓପନ ସେଲିଂ ଚାମ୍ପିୟନସିପରେ ଆନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ୨୦୨୧୭-୧୮ରେ ମଧ ବ୍ରୋଞ୍ଜ ପଦକ ବିଜେତା ହୋଇଥିଲେ। ତେବେ କରୋନା ପ୍ରଭାବ ଏବଂ ବୈବାହିକ ଜୀବନରେ କୁନି ଝିଅର ଲାଳନ ପାଳନ ଯୋଗୁ ଚଳିତ ମାସରେ ୪ବର୍ଷ ବ୍ୟବଧାନରେ ପୁଣି ଥରେ ଓଡ଼ିଶାର ଏକ ମାତ୍ର ଝିଅ ଭାବେ ନୌଚାଳନା ପ୍ରତିଯୋଗିତାରେ ଭାଗ ନେଇ ୧୨ ରାଉଣ୍ଡରେ ରୌପ୍ୟ ପଦକ ହାସଲ କରିଛନ୍ତି ମନସ୍ୱିନୀ। ଆସନ୍ତା ୯ରେ ମୁମ୍ବାଇରେ ପୁଣି ଏକ ପ୍ରତିଯୋଗିତାରେ ଭାଗ ନେବେ ବୋଲି କହିଛନ୍ତି ମନସ୍ୱିନୀ। ତାଙ୍କ ପରି ଅନେକ ମନସ୍ୱିନୀ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ବୋଲି କହନ୍ତି ମନସ୍ୱିନୀ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କୁ ପ୍ରଶିକ୍ଷଣ ପାଇଁ ତାଲିମ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

## ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆର.ଉଦୟଗିରି,୨୭।୪(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ନିକଟସ୍ଥ କେଏମ ଭାଲିଆ ସାହି ସରକାରି ଉଚ୍ଚ ବିଦ୍ୟାଳୟରେ ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ମାଟି ବିନା ଯେପରି ଘାସର ସୌନ୍ଦର୍ଯ୍ୟ ନଥାଏ ସେହିପରି ଶିଷ୍ୟବିନା ଗୁରୁର କୌଣସି ମର୍ଯ୍ୟାଦା ନଥାଏ ବୋଲି ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। କାର୍ଯ୍ୟକର୍ମରେ ପ୍ରହ୍ଲାଦ ଶିଆଳ, ତାରିଣୀ ମଣ୍ଡଳ, ଅଶୋକ କୁମାର ପଣ୍ଡା, ସନ୍ତୋଷ କୁମାର ନାୟକ, ଅସିତ କୁମାର ସାହୁ, ସଞ୍ଜୟ ଗୌଡ଼, ଯୁଧିଷ୍ଠିର ପାଇକ, କିଶ୍ୱର ଦଣ୍ଡସେନା, ଦିଗାମ୍ବର ଦାସ, ବିରଜା ମାଳିନୀ ନାୟକ, ସୁଷମା ବଣ୍ଡୁଆରାୟ, ମମତା ବେହେରଦଳାଇ, ପ୍ରଜ୍ଞାଦୀପ୍ତା ପାଇକ ଓ ରବିନୀ ଦାସ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ବୁଗୁଡ଼ା ନୂଆ ବସ୍‌ଷ୍ଟାଣ୍ଡରେ ଶୀତଳ ଜଳ ଯନ୍ତ୍ର ଅକାମୀ


କାମ କରୁନଥିବା ଯନ୍ତ୍ର।

ବୁଗୁଡ଼ା,୨୭।୪(ଡି.ଏନ.ଏ.)

ଯାତ୍ରୀମାନଙ୍କୁ ସ୍ୱଚ୍ଛ ଓ ଶୀତଳ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ମାତ୍ର ୪ ମାସ ତଳେ ବୁଗୁଡ଼ା ନୂଆଁ ବସଷ୍ଟାଣ୍ଡ ପରିସରରେ ସ୍ଥାପନ କରାଯାଇଥିବା ୱାଟର ଫିଲଟର ଅକାମି ହୋଇପଡିଛି। ଫଳରେ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ପାଇଁ ବସକୁ ଅପେକ୍ଷା କରୁଥିବା ଶହ ଶହ ଯାତ୍ରୀଙ୍କ ସମେତ ବସଷ୍ଟାଣ୍ଡ ପରିସରରେ ବ୍ୟବସାୟ କରୁଥିବା ଦୋକାନୀମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ମାତ୍ର କିଛି ମାସ ତଳେ ଏନଏସି ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ଏହି ଯନ୍ତ୍ର କିଛି ଦିନପରେ ଖରାପ ହୋଇଗଲା। ଅଭିଯୋଗ ପରେ ଏହାକୁ କର୍ତ୍ତୃପକ୍ଷ ମରାମତି କରିବାରୁ ଅଳ୍ପ କେତେ ଦିନ ଚାଲିବା ପରେ ଏବେ ୧୫ ଦିନ ହେଲା ପୁଣି ଖରାପ ହୋଇ ଯାଇଛି। ଅଭିଯୋଗ କଲେ ମଧ କେହି ହେଲେ ଶୁଣୁ ନଥିବା ନେଇ ବସଷ୍ଟାଣ୍ଡର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ପ୍ରବଳ ଉତ୍ତାପରେ ଲୋକେ ଆଉଟୁ ପାଉଟୁ ହେଉଥିବା ବେଳେ ପିଇବା ପାଇଁ ପାଣି ଟୋପେ ମିଳୁ ନଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଗୁଡ଼ା ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ନକଲି ମୃଦୁ ପାନୀୟ ଯୋଗାଣ ଅଭିଯୋଗ, ଜଣେ ଅଟକ

ବୁଗୁଡ଼ା,୨୭।୪(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳରେ ବିଭିନ୍ନ ବ୍ରାଣ୍ଡର ନକଲି ମୃଦୁ ପାନୀୟ ଯୋଗାଣ ଅଭିଯୋଗରେ ପୋଲିସ ମୃଦୁ ପାନୀୟ ବୋଝେଇ ମିନି ଟ୍ରକ ସହ ଜଣଙ୍କୁ ଅଟକ ରଖିଛି। ଅଟକ ଯୁବକ ହେଲେ ଆସ୍କା ଥାନା ଅଧିନନିମିନା ଗ୍ରାମର ଭଗବାନ ନନ୍ଦ। ଭଗବାନ କିଛିଦିନ ହେଲା ସ୍ପ୍ରାଇଟ୍ ଓ ଥମସପ ବୋତଲରେ ସୋଢା ଭର୍ତ୍ତି କରି ଏକ ମିନି ଟ୍ରକରେ ବୁଗୁଡ଼ା ସହର ତଥା ଗ୍ରାମାଞ୍ଚଳରେ ଖୁଚୁରା ବ୍ୟବସାୟୀମାନଙ୍କୁ ବିକ୍ରି କରୁଥିବା ବେଳେ ସ୍ଥାନୀୟ ସ୍ପ୍ରାଇଟ୍ ଓ ଥମ୍ସଅପ୍ ଡିଲର ବୁଗୁଡ଼ା ପିପୁଲସ କଲେଜ ନିକଟରେ ମିନିଟ୍ରକ ସହ ଡିଲର ଭଗବାନକୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ।

# ଅଟକିଥିବା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବିପତ୍ର


ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଗ୍ରାମବାସୀ।

ଆର.ଉଦୟଗିରି,୨୭।୪(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ଦୁର୍ଗମ ଅଞ୍ଚଳ ଏବଂ ବ୍ଲକଠାରୁ ପ୍ରାୟ ତିରିଶି କିଲୋମିଟର ଦୂର ଅପହଞ୍ଚ ଇଲାକାରେ ରାସ୍ତା କାମ ଅଧାପନ୍ତରିଆ ହୋଇ ରହିଛି। ଏହି ଅପହଞ୍ଚ ଇଲାକାରେ ଥିବା ତୈଳ ଗ୍ରାମବାସୀଙ୍କ ସହ କୁରୁବା, ଅଲରା, ଜାଡାପାଣି, ଜାଡା, ଗୁବାଲ, ଉଲିଖତ, କାଲାଦାରି, ଗୁଣ୍ଡିସାହି, ପିଆସାଲଖତ ଗ୍ରାମଗୁଡିକର ଗ୍ରାମବାସୀ ମିଳିତ ଭାବେ ବୁଧବାର ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମାଶଙ୍କର ମଲ୍ଲିକଙ୍କୁ ଭେଟିଥିଲେ। ପୁରୁଣାପାଣି ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଝଗିକାବାଡ଼ଠାରୁ ରାମଗୁଡ଼ା ପ୍ରାୟ ୯କିଲୋମିଟର ରାସ୍ତା ଅଧାପନ୍ତରିଆ ଭାବେ ନିର୍ମାଣ ହୋଇ ବର୍ତ୍ତମାନ ତାହା ମରଣଯନ୍ତା ପାଲଟିଛି। ତାହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ବିଭାଗୀୟ ନିର୍ବାହୀଯନ୍ତ୍ରୀ ଦାବିପତ୍ରକୁ ଲୋକଙ୍କଠାରୁ ଗ୍ରହଣ କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାସହ ବନ ବିଭାଗ ଲଖାରି ଅଭୟାରଣ୍ୟରେ ରାସ୍ତାଟି ଥିବାରୁ ରାସ୍ତା ନିର୍ମାଣ ନିମନ୍ତେ ଅନୁମତି ଦେଉନଥିବା ପ୍ରକାଶ କରିଛନ୍ତି। କିନ୍ତୁ ଅଧିକାରୀଙ୍କଠାରୁ ଏହି ବକ୍ତବ୍ୟ ଶୁଣି ଗ୍ରାମବାସୀ କହିଥିଲେ ଯେ ରାସ୍ତାଟି ଅଭୟାରଣ୍ୟ ମଧ୍ୟରେ ଯଦି ଯାଉଥିଲା ତେବେ କାର୍ଯ୍ୟ ଆରମ୍ଭରୁ ରାସ୍ତା କାର୍ଯ୍ୟ ବନ୍ଦ କରିବାର ଥିଲା। ରାସ୍ତାଟି କେବଳ ପିଚୁ କାର୍ଯ୍ୟ ଆରମ୍ଭ ହେବା ସମୟରେ ବନ୍ଦ କରିବାରୁ ରୋଗୀ ଏବଂ ଗର୍ଭବତୀଙ୍କୁ ନେବା କଷ୍ଟ ହେଉଥିବା ଏବଂ ବହୁ ଜୀବନ ଅକାଳରେ ଯାଉଥିବା ପ୍ରକାଶ କରିଛନ୍ତି। ଏହାସହ ବର୍ଷା ଦିନ ଯିବାଆସିବାରେ କଷ୍ଟ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଅଞ୍ଚଳବାସୀ। ଝଗିକାବାଡ଼ ଗ୍ରାମଠାରୁ ରାମଗୁଡ଼ା ୯କିଲୋମିଟର ରାସ୍ତା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ୩ କୋଟି ୯୮ଲକ୍ଷ ୮୬ହଜାର ଟଙ୍କାର ଅଟକଳ ପ୍ରସ୍ତୁତ କରି ସେହି ଅଧାପନ୍ତରିଆ ରାସ୍ତା ନିର୍ମାଣରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ ମଧ ଅଞ୍ଚଳବାସୀଙ୍କ କାର୍ଯ୍ୟରେ ଆସୁନଥିବା ଦେଖିବାକୁ ମିଳିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜିଲାପାଳ, ବନ ବିଭାଗ ଅଧିକାରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ସ୍ୱତନ୍ତ୍ର ଦୃଷ୍ଟିଦେଇ ରାସ୍ତା ନିର୍ମାଣ ହେଲେ ଅଞ୍ଚଳବାସୀ ଉପକୃତ ହେବେ।

## ଗାଳି ଗୁଲଜକୁ ନେଇ ଶିକ୍ଷକଙ୍କ ନାଁରେ ଏତଲା

ପାତ୍ରପୁର,୨୭।୪(ଡି.ଏନ.ଏ.)

ଜରଡ଼ା ଥାନା ପାଞ୍ଚାମ୍ବ ଗ୍ରାମକୁ ଗତ ତିନିଦିନ ତଳେ ଜରଡ଼ା ରାଜସ୍ୱ ନିରୀକ୍ଷକ ବୁଦ୍ଧଦେବ ମଲିକଙ୍କୁ ଜଣେ ଶିକ୍ଷକ ଗାଳିଗୁଲୋଜ କରିଥିବା ଅଭିଯୋଗ ହୋଇଛି। ରାଜସ୍ୱ ନିରୀକ୍ଷକ କୌଣସି କାମରେ ଯାଇଥିବା ବେଳେ ତାଙ୍କୁ ଏହି ଗ୍ରାମର ଶିକ୍ଷକଜଣକ ତାଙ୍କ ଗାଡ଼ିକୁ ଭଙ୍ଗା ରୁଜା କରିବା ସହ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିବା ଓ ଜାତିଆଣ ଆକ୍ଷେପ କରିଥିଲେ। ଏହି ଘଟଣା ନେଇ ଗତ ତିନି ଦିନ ହେଲା ରାଜନୈତିକ ମହଲରୁ ଚପାଇବା ପାଇଁ ଉଦ୍ୟମ ହେଉଥିବା ବେଳେ ରାତାରାତି ରାଜସ୍ୱ ନିରୀକ୍ଷକଙ୍କୁ ଅନ୍ୟ ସ୍ଥାନକୁ ବଦଳି ହେଇଥିବା ଜଣାପଡିଛି।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ନେତା ନିଲମ୍ବିତ

ପାରଳାଖେମୁଣ୍ଡି,୨୭।୪

ଦଳ ବିରୋଧୀ କାର୍ଯ୍ୟ ପାଇଁ ଦୁଇ ବିଜେଡି ନେତାଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ସେମାନେ ହେଲେ ପାରଳାଖେମୁଣ୍ଡି ନଗର ବିଜେଡି ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ ଓ ଗଜପତି ଜିଲା ବିଜେଡି ଉପସଭାପତି କେ.ଆପ୍ପାରାଓ। ଦଳ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ଦୁଇ ଜଣଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।
ଗତ ପୌର ନିର୍ବାଚନରେ କେ.ଆପ୍ପାରାଓ କାଶୀନଗର ଏନ୍ଏସିରେ ଓ ସୂର୍ଯ୍ୟନାରାୟଣ ରାଜଗୁରୁ ପାରଳାଖେମୁଣ୍ଡି ପୌରପରିଷଦର ୩ ନମ୍ବର ୱାର୍ଡରୁ ପ୍ରାର୍ଥୀ ହେବାକୁ ଆଶାବାଦୀ ଥିଲେ। ହେଲେ ଦଳ ସେମାନଙ୍କୁ ଟିକେଟ ଦେଇନଥିଲା। ପାରଳାଖେମୁଣ୍ଡିର ୩ ନମ୍ବର ୱାର୍ଡରେ କଂଗ୍ରେସରୁ ଆସି ବିଜେଡିରେ ସାମିଲ ହୋଇଥିବା ବିଜୟ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏ ନେଇ ସୂର୍ଯ୍ୟନାରାୟଣ ଅସନ୍ତୋଷ ପ୍ରକାଶ କରିଥିଲେ। ଦଳୀୟ ପରାଜିତ ହେବା ପରେ ସୂର୍ଯ୍ୟନାରାୟଣଙ୍କ ଦଳ ବିରୋଧୀ କାମ ବୋଲି ଅନେକ ଅଭିଯୋଗ କରିଥିଲେ। ସେହିପରି କେ.ଆପ୍ପାରାଓ ନିଜ ସ୍ତ୍ରୀଙ୍କୁ କାଶୀନଗର ଏନଏସିର ଅଧ୍ୟକ୍ଷା ପ୍ରାର୍ଥୀ କରିବାକୁ ଚାହିଁଥିଲେ। ହେଲେ ଦଳ ପୂର୍ବତନ ଅଧ୍ୟକ୍ଷା ଏମ୍.ସୁଧାରାଣୀଙ୍କୁ ପ୍ରାର୍ଥୀ କରିଥିଲା। ତେବେ ଦଳର ଏଭଳି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଆପ୍ପାରାଓ ଦଳ ବିରୋଧୀ କାର୍ଯ୍ୟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପଟେ ଦଳରୁ ନିଲମ୍ବିତ ହେବା ପରେ ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ କହିଛନ୍ତି ଯେ, ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ଦଳ ଅଭୂତପୂର୍ବ ସଫଳତା ହାସଲ କରିଥିଲା। ଏହି ସଫଳତା ପାଇଁ ଆପରାଧିକ ପୃଷ୍ଠଭୂମି ଥିବା ଜଣେ ବ୍ୟବସାୟୀଙ୍କୁ ଏହାର ଶ୍ରେୟ ଦିଆଯାଉଛି। ଏହାର ବିରୋଧ କରିବାରୁ ନିଲମ୍ବିତ ହୋଇଛି। ଛାତ୍ରଜୀବନରୁ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତି କରିଛି। ତାଙ୍କ ନାମରେ ଗଠିତ ଦଳ ଓ ଦଳର ସୁପ୍ରିମୋ ନବିନ ପଟ୍ଟନାୟକଙ୍କ ପାଇଁ କାମ କରୁଥିବି ବୋଲି ସେ କହିଛନ୍ତି।

# ଭଙ୍ଗାଘରେ ଅସହାୟ ମା', ଅବିବାହିତ ଝିଅ

## ପ୍ରଶାସନ ଯୋଗାଇ ପାରିଲାନି ଆବାସ

ଫୁଲବାଣୀ ଅଫିସ, ୨୭।୪


ଅସହାୟ ମା', ଝିଅ।

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବ ହିତାଧିକାରୀଙ୍କୁ ଘର ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ମଧ ବିଜୁ ପକ୍କାଘର ଯୋଜନାରେ ଘର ଦେଉଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଚୟନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି । ଯୋଗ୍ୟ ହିତାଧିକାରୀ ଘର ପାଇଁ ଦୌଡି ନିରାଶ ହେଉଥିବା ଦେଖାଯାଉଛି। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତ ନବଗୁବା ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମରେ ବୃଦ୍ଧା ମା'ଙ୍କ ସେବା ଯତ୍ନ ପାଇଁ ଅବିବାହିତ ରହିଥିବା ଝିଅ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଛନ୍ତି। ମା' ଚନ୍ଦ୍ରମା ବେହେରାଙ୍କୁ ୮୫ ଟପିଥିବା ବେଳେ ଝିଅ ନର୍ମଦାକୁ ୩୮ ବର୍ଷ । ସମସ୍ତେ ଏମାନଙ୍କ ଅସହାୟପଣକୁ ଦେଖୁଥିଲେ ବି ସହାୟତା ପାଇଁ କେହି ଚେଷ୍ଟା ବି କରୁନାହାନ୍ତି। ଭଙ୍ଗା ଚାଳ ଛପର ଘରେ ଅସହାୟ ଅବସ୍ଥାରେ ଏମାନଙ୍କ ଜୀବନ ବିତୁଛି।

ଚନ୍ଦ୍ରମାଙ୍କର ୪ ଝିଅ ଏବଂ ଗୋଟିଏ ପୁଅ । ୩ ଝିଅ ଏବଂ ପୁଅ ବହୁ ବର୍ଷ ହେଲା ବିବାହ ସରିଛି। ବିବାହ ପରେ ପୁଅ ଅଲଗା ରହିଲେ । ଚନ୍ଦ୍ରମା ଏବଂ ସାନ ଝିଅ ନର୍ମଦା ଘରେ ରହୁଥିଲେ । ବୟସାଧିକ କାରଣରୁ ମା' ଅସୁସ୍ଥ ହେବାରୁ ନର୍ମଦା ତାଙ୍କ ସେବା ଯତ୍ନ ନେବା ପାଇଁ ବିବାହ କରିବେନି ବୋଲି ନିଷ୍ପତ୍ତି ନେଲେ। ସେମାନଙ୍କ ଜମିବାଡି କିଛି ନାହିଁ। ନର୍ମଦା ଦିନମଜୁରୀ ଲାଗି ଯାହା ରୋଜଗାର କରନ୍ତି ସେଥିରେ ଗୁଜୁରାଣ ମେଣ୍ଟାଉଛନ୍ତି। ବିଧବା ମା' ଚନ୍ଦ୍ରମା କି ଅବିବାହିତା ନର୍ମଦାଙ୍କୁ ସରକାରଙ୍କ ପକ୍ଷରୁ ଘର ଖଣ୍ଡେ ଯୋଗାଇ ଦିଆପାରିଲାନି। ଏହା ଗରୀବଙ୍କୁ ଉପହାସ ବୋଲି ଗ୍ରାମର ଶକୁନ୍ତଳା ନାୟକ, ରବିନ୍ଦ୍ର ନାୟକ ପ୍ରମୁଖ କ୍ଷୋଭ ପ୍ରକାଶ କରି କହିଛନ୍ତି। ନର୍ମଦା କହିଛନ୍ତି, ଭାଇ ବିବାହ ପରେ ଅଲଗା ରହୁଛନ୍ତି। ତାଙ୍କ ସ୍ତ୍ରୀଙ୍କ ଦେହ ବି ଭଲ ନାହିଁ। ମା'ର ସବୁବେଳେ ଦେହ ଖରାପ । ମୁଁ ଦିନରେ କାମ କରି ଯାହା ଟଙ୍କା ଆଣେ, ସେଥିରୁ ଅଧିକାଂଶ ମା'କୁ ମେଡିକାଲ ନେବା ଏବଂ ଔଷଧ କିଣାରେ ଯାଉଛି । ଗୋଟିଏ ଛୋଟ ମାଟି ଘରେ ରହୁଛୁ । ବର୍ଷା ଦିନେ ପାଣି ଗଳୁଛି । ଘର ଖଣ୍ଡେ ମିଳିଲେ ଶାନ୍ତିରେ ଟିକେ ବଞ୍ଚିପାରନ୍ତୁ। ଚାଉଳ ୫ କିଲୋ ଲେଖାଏ ୧୦ କେଜି ଓ ଭତ୍ତା ୫୦୦ କରି ୧୦୦୦ ମିଳୁଛି । ମା' ବିଧବା ହେଲା ପରେ ଘର ଖଣ୍ଡେ ପାଇଁ ବହୁ ଆବେଦନ କରିଛି । ହେଲେ ମୋ' କଥା କେହି ଶୁଣି ନାହାନ୍ତି। ୪ ମାସ ତଳେ ବ୍ଲକକୁ ଯାଇ କାଗଜପତ୍ର ଦେଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ ଘରକୁ ଆସି ମଧ କାଗଜପତ୍ର ନେଇଛନ୍ତି। ତଥାପି କାହାକୁ ହେଲେ ଘର ଖଣ୍ଡେ ମିଳିନାହିଁ ବୋଲି ନର୍ମଦା ପ୍ରକାଶ କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚକ୍ରଧର ମହାରଣାଙ୍କୁ ପଚାରିବାରୁ ୨୦୧୧ ଜନଗଣନାରେ ହିତାଧିକାରୀ ଚୟନ ବେଳେ ସେମାନଙ୍କ ନାମ ଲିଷ୍ଟରେ ନାହିଁ । ଯେଉଁମାନେ ରହି ଯାଇଛନ୍ତି, ଆଡିସନ ଲିଷ୍ଟରେ ନାଁ ଦେବାକୁ ପରେ ସରକାର କହିଥିଲେ । ଆମେ ତାଙ୍କ ନାଁ ପଠେଇଛୁ । ୱେଟିଂ ଲିଷ୍ଟରେ ନାଁ ଆସିଲେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବିଜୁ ପକ୍କା ଘର ଗତ ଦୁଇ ବର୍ଷ ଦିଆଯାଇନାହିଁ । ତେଣୁ ଏଭଳି ଅସୁବିଧା ହୋଇଛି ବୋଲି ମଧ କହିଛନ୍ତି।

